**२९ मार्च २०२४ खुत्बा जुमार सारांश**
**स्थान – मसजिद् मुबारक्, इस्लामाबाद् टिल्फोर्ड्**

**ହଜରତ ମସିହ୍ ମଉଦ [ଅ.ସ]ଙ୍କର ତତ୍ତ୍ୱଜ୍ଞାନ ପୂର୍ଣ୍ଣ ମହତବାଣୀ ଆଲୋକରେ ଦୁଆର ବାସ୍ତବତା, ରହସ୍ୟ ଓ ଦୁଆ ସ୍ୱୀକାର ହେବା ତଥା ଦର୍ଶନର ବର୍ଣ୍ଣନା ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍‌ହଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହେମା ନିର୍‌ରହିମ୍ । ମାଲିକି ୟୌମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱ୍ୱର[ଅ.ବ] ସୁରାଃ ବକରାଃର ଆୟତ ସଂଖ୍ୟା ୧୮୭ର ଆବୃତ୍ତି କଲେ,

وَإِذَا سَأَلَكَ عِبَادِي عَنِّي فَإِنِّي قَرِيبٌ أُجِيبُ دَعْوَةَ الدَّاعِ إِذَا دَعَانِ فَلْيَسْتَجِيبُوا لِي وَلْيُؤْمِنُوا بِي لَعَلَّهُمْ يَرْشُدُونَ

ଅର୍ଥାତ ଏବଂ ହେ ରସୁଲ ! ଯେବେ ଆମ ଭକ୍ତମାନେ ତୁମକୁ ଆମ ସଂକ୍ରାନ୍ତରେ ପ୍ରଶ୍ନ କରିବେ ତେବେ (କୁହ) ଆମେ ସେମାନଙ୍କ ନିକଟରେ ଅଛୁ । ପ୍ରାର୍ଥନାକାରୀ ଯେବେ ବି ଆମକୁ ପ୍ରାର୍ଥନା କରେ ଆମ୍ଭେ ତାହାର ପ୍ରାର୍ଥନାକୁ ଗ୍ରହଣ କରିଥାଉ । ସୁତରାଂ ଆମର ଆଦେଶ ଗ୍ରହଣ କରିବା ଓ ଆମ ଉପରେ ବିଶ୍ୱାସ ସ୍ଥାପନ କରିବା ସେମାନଙ୍କ ପକ୍ଷେ ବିଧେୟ, ଫଳରେ ସେମାନେ ସତ୍‌ପଥଗାମୀ ହେବେ । ଅଲ୍ଲାଃତାଲା ଉକ୍ତ ଆୟତ ନିର୍ଜଳ ଉପବାସ ରଖିବାର ଆଦେଶ ପ୍ରଦାନ କରିବା ସହିତ ରଖିଛନ୍ତି । ବରଂ ଏପରି କହି ହେବ ଯେ, ମଧ୍ୟଭାଗରେ ରଖିଛନ୍ତି । ଏଥିରୁ ଜ୍ଞାତ ହେଉଛି ରମଜାନ ମାସ ସହିତ ଦୁଆ'ର ବିଶେଷ ସମ୍ପର୍କ ରହିଛି । ରମଜାନ ମାସରେ ଅଲ୍ଲାଃତାଲାଙ୍କର ଏକ ଭିନ୍ନ ରକମର ଅନୁକମ୍ପା ପୂର୍ଣ୍ଣ ଦୃଷ୍ଟି ନିଜ ଭକ୍ତମାନଙ୍କ ଉପରେ ପଡ଼ିଥାଏ । ଏପରି ତ ସାଧାରଣ ଦିନମାନଙ୍କରେ ଅଲ୍ଲାଃତାଲାଙ୍କର ଅନୁକମ୍ପା ପୂର୍ଣ୍ଣ ଦୃଷ୍ଟି ନିଜ ଭକ୍ତମାନଙ୍କ ଉପରେ ପଡ଼ିଥାଏ । କିନ୍ତୁ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] କହିଲେ; ଅଲ୍ଲାଃତାଲା ନିଜ ଅନ୍ତିମ ଧର୍ମବିଧାନରେ ଦର୍ଶାଇଛନ୍ତି, ମୁଁ ଭକ୍ତର ଆଶାନୁଯାୟୀ ତାହା ସହିତ ଆଚରଣ କରିଥାନ୍ତି । ଯେତେବେଳେ ସେ ମୋତେ ସ୍ମରଣ କରେ ସେତେବେଳେ ମୁଁ ତାହା ସହିତ ରହିଥାଏ । ଯଦି ସେ ମୋତେ ହୃଦୟରୁ ଜପ (ସ୍ମରଣ) କରେ ତେବେ ମୁଁ ମଧ୍ୟ ତାହାକୁ ସେହିପରି ମନେରଖେ... ଯଦି ସେ ମୋ ଆଡ଼କୁ ଚାଲିଚାଲି ଆସେ ତେବେ ମୁଁ ତାହା ଆଡ଼କୁ ଦୌଡ଼ି ଯାଏ । ସୁତରାଂ ଯଦି ଅଲ୍ଲାଃତାଲା ସାମାନ୍ୟ ଅବସ୍ଥାରେ ଭକ୍ତ ସହିତ ଏପରି ଆଚରଣ କରିଥାନ୍ତି ତେବେ ପବିତ୍ର ରମଜାନ ମାସରେ କିପରି ଦୟା ପ୍ରଦର୍ଶନ କରନ୍ତି ତାହାର ଆମେ ତ ପରିକଳ୍ପନା ମଧ୍ୟ କରିପାରିବା ନାହିଁ । କିନ୍ତୁ ସର୍ତ୍ତ ଏହିକି ଯେ, ଏସବୁ ହୃଦୟର ଗହ୍ୱରରୁ ହେବା ଅନିବାର୍ଯ୍ୟ ।

ଆମ ପ୍ରିୟ ମୁନିବ ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] କହିଲେ; ଅଲ୍ଲାଃତାଲା ଅତି ଲଜ୍ଜାଶୀଳ, କୃପାଳୁ ଏବଂ ଦାନୀ । **ଯେତେବେଳେ ଭକ୍ତ ନିଜର ଦୁଇ ହସ୍ତ ତାଙ୍କ ଆଡ଼କୁ ପ୍ରସାରିତ (ଉର୍ଦ୍ଧ୍ୱଗାମୀ) କରେ ସେତେବେଳେ ସେ ତାହାକୁ ହସ୍ତଶୂନ୍ୟ ଫେରାଇ ଦେବାକୁ ଲାଜ କରନ୍ତି ।** ସୁତରାଂ ଆମେ କେତେକ ସମୟରେ ବ୍ୟଗ୍ରତା ଅବଲମ୍ୱନ କରି କହି ଦେଇଥାଉ କି ଆମେମାନେ ଦୁଆ କଲୁ କିନ୍ତୁ ଆମ ଦୁଆ ସ୍ୱୀକାର କରାଗଲା ନାହିଁ । ଯଦିଚ ସେମାନେ ନିଜ ହୃଦୟ ପ୍ରତି ନଜର କରିଥାନ୍ତେ କି ତାଙ୍କର ହୃଦୟ କିପରି ନିର୍ମଳ ଓ ପବିତ୍ର । ମନେରଖ ଅଲ୍ଲାଃତାଲାଙ୍କ

ସହିତ କେହି କପଟତା ଅର୍ଥାତ ଛଳନା କରିପାରିବେ ନାହିଁ । କାରଣ ସେ ଆମ ହୃଦୟର ଅବସ୍ଥା ଜାଣନ୍ତି । ଅଲ୍ଲାଃତାଲାଙ୍କ ଖୋଲା ପ୍ରାସାଦରେ ପ୍ରବେଶ କରିବା ସକାଶେ ତାଙ୍କ ସର୍ତ୍ତ (ନିର୍ଦ୍ଦେଶ) ପାଳନ କରିବାକୁ ହେବ । ଉକ୍ତ ଆୟତରେ ଯେପରିକି କୁହାଯାଇଛି "ମୋର ଭକ୍ତ" ଏଥିରୁ ଯର୍ଥାଥ ସେହି ଭକ୍ତମାନେ ଯେ ବାସ୍ତବରେ ଅଲ୍ଲାଃତାଲାଙ୍କର ଭକ୍ତ ହେବାକୁ ଚାହୁଁଛନ୍ତି, ରମଜାନ ମାସରେ ସେହି କାର୍ଯ୍ୟ ସମ୍ପାଦନ କରିବାର ବିଶେଷ ପରିବେଶ ଉପଲବ୍ଧ ହୋଇଥାଏ । ଯେତେବେଳେ ସେହି ପରିବେଶରୁ ଉପକୃତ ହେବ । ସେତେବେଳେ ସେମାନଙ୍କ ସଂକ୍ରାନ୍ତରେ କୁହନ୍ତି, ମୋର ସେହି ଭକ୍ତ ଓ ମୋତେ ପ୍ରେମ କରୁଥିବା ଲୋକମାନଙ୍କୁ କହିଦିଅ ଯେ, ମୁଁ ଦୁଆ ସ୍ୱୀକାର କରିଥାଏ ଏବଂ ତାହାର ଉତ୍ତର ମଧ୍ୟ ଦେଇଥାଏ । ଅଲ୍ଲାଃତାଲା ସ୍ପଷ୍ଟ ରୂପେ କହିଛନ୍ତି କି ମୋତେ ପ୍ରେମ କରୁଥିବାର କେବଳ ମୌଖିକ (ଦାବି) କରିବାର କୌଣସି ମୂଲ୍ୟ ନାହିଁ । ବରଂ ତୁମମାନଙ୍କ ସକାଶେ ମୋ ଆଦେଶ ପାଳନ କରିବା ଅନିବାର୍ଯ୍ୟ । ଅଲ୍ଲାଃ ଓ ଭକ୍ତର କର୍ତ୍ତବ୍ୟ ସମ୍ପାଦନ କରିବା ମଧ୍ୟ ଜରୁରୀ । ଏଥିସହିତ ବିଶ୍ୱାସରେ ଦୃଢ଼ତା ଉତ୍ପନ୍ନ କରିବାକୁ ହେବ ।

ହଜରତ ମସିହ୍ ମଉଦ[ଅ.ସ] ଦୁଆ'ର ବାସ୍ତବତା, ରହସ୍ୟ ଓ ଦୁଆ ସ୍ୱୀକାର ହେବା ତଥା ତାହାର ଦର୍ଶନ ପ୍ରସଙ୍ଗରେ ବ୍ୟାଖ୍ୟାତ୍ମକ ବର୍ଣ୍ଣନା କରିଛନ୍ତି । ଆପଣ[ଅ.ସ] କହିଲେ; ଅଲ୍ଲାଃତାଲା ଅସ୍ତିତ୍ୱର ପ୍ରମାଣ କ'ଣ ? ଏହାର ଉତ୍ତର ଏହିକି ଯେ, ମୁଁ ଅତି ନିକଟବର୍ତ୍ତୀ । ଅର୍ଥାତ କୌଣସି ବଡ଼ ଧରଣର ଦଲିଲ୍ ଦରକାର ନାହିଁ । ମୋର ଅସ୍ତିତ୍ୱ ଅତ୍ୟନ୍ତ ନିକଟତର ହେବା ସୂତ୍ରରୁ ବୁଝା ପଡ଼ିଯିବ ଅର୍ଥାତ ନିକଟତର ହେବା ପ୍ରମାଣ ଏକ ଏପରି ସହଜ ସରଳ ପନ୍ଥା ଯଦ୍ୱାରା ଯଦି କେହି ଦୁଆ କରେ ତେବେ ତାହାର ଦୁଆ (ଡ଼ାକ) ଶୁଣିଥାନ୍ତି । ଆପଣ[ଅ.ସ] ଆହୁରି କୁହନ୍ତି; ଯଦି ପ୍ରଶ୍ନ ଉଠେ କି ପ୍ରଭୁ ଅଛନ୍ତି ବୋଲି କିପରି ଜ୍ଞାତ ହେବ ତେବେ ତାହାର ଉତ୍ତର ଏହିକି ଯେ, ଇସଲାମର ପ୍ରଭୁ ଖୁବ ନିକଟତର । ଯଦି କେହି ନିର୍ମଳ ହୃଦୟର ସହିତ ତାଙ୍କର ଭକ୍ତି କରେ । ତେବେ ସେ ତାହାର (ନିଶ୍ଚୟ) ଉତ୍ତର ଦେଇଥାନ୍ତି । ଅନ୍ୟ ଧର୍ମାବଲମ୍ବୀଙ୍କର ପ୍ରଭୁ ଏପରି (ନିକଟତର ଥିବାର) ଶିକ୍ଷା ଦେଇ ନାହାନ୍ତି । ବରଂ ସେମାନେ ତ ଏତେ ଦୂରରେ ଯେ, ତାହାର କୌଣସି ପତା ମିଳୁ ନାହିଁ । ହୁଜୁର[ଅ.ସ] କହିଲେ; ଯଦି ଏକଥା କୁହ କି ଆମେ ବହୁତ ଡ଼ାକୁଛୁ କିନ୍ତୁ କୌଣସି ଉତ୍ତର ମିଳୁ ନାହିଁ । ତେବେ ଦେଖ ! ଯଦି ତୁମେ ଗୋଟିଏ ସ୍ଥାନରେ ଛିଡ଼ା ହୋଇ ତୁମ ଠାରୁ ବହୁ ଦୂରରେ ରହିଥିବା ବ୍ୟକ୍ତିକୁ ଡ଼ାକ । ଆଉ ତୁମ କର୍ଣ୍ଣ ଦୁର୍ବଳ ଥାଏ, ଯଦିଚ ପ୍ରଭୁ ଉତ୍ତର ଦେଇ ଦିଅନ୍ତି ତେବେ ସୁଧା ତାହା ତୁମକୁ ଶୁଭିବ ନାହିଁ । କାରଣ ତୁମ ବିଶ୍ୱାସରେ ଦୃଢ଼ତା ନାହିଁ, ପ୍ରଭୁଙ୍କ ପ୍ରତି ତୁମ ପ୍ରେମରେ ଆନ୍ତରିକତା ଖୁବ କମ୍ । ତାଙ୍କ ଆଦେଶ ପାଳନ କରିବାରେ ଅବହେଳା କରୁଅଛ । ତୁମର ଏହି ବଧିରପଣ ଯୋଗୁଁ ତୁମେ ତାଙ୍କର ସ୍ୱର ଶୁଣି ପାରୁ ନାହଁ ।

ହୁଜୁର[ଅ.ସ] କହିଲେ; ଦୁଆ ପରମେଶ୍ୱରଙ୍କ (ଦୈବି) ପ୍ରକଟନର ବହୁତ ବଡ଼ ପ୍ରମାଣ । **ଏହା ଏକ ଦୁର୍ଲଭ ରତ୍ନ ଓ ମହାନ ଶକ୍ତି ।** ଅବତାରମାନଙ୍କ ଜୀବନର ମୂଳ ଓ ତାଙ୍କ ସଫଳତାର ଚାବିକାଠି, ଏହି ଦୁଆ ହିଁ । ଆପଣ[ଅ.ସ] କହିଲେ; ମୁଁ ଉପଦେଶ ପୂର୍ବକ କହୁଅଛି କି ନିଜ ବିଶ୍ୱାସ ଓ ବ୍ୟବହାରିକ ସାମର୍ଥ୍ୟକୁ ଅଭିବୃଦ୍ଧି କରିବା ସକାଶେ ଦୁଆ କରିବାରେ ନିର୍ମଜ୍ଜିତ ରୁହ । କାରଣ ଏତଦ୍ ଦ୍ୱାରା ଏପରି ପରିବର୍ତ୍ତନ ଆସିବ ଯେ, ତୁମ ପରକାଳ ସାର୍ଥକ ହୋଇଯିବ । ଦୁଆ'ର ଗୂଢ଼ତତ୍ତ୍ୱ ପ୍ରସଙ୍ଗରେ ଆପଣ[ଅ.ସ] କୁହନ୍ତି, ବ୍ରହ୍ମଜ୍ଞାନ ଅଲ୍ଲାଃଙ୍କ କୃପା ଦ୍ୱାରା ହାସଲ ହୋଇଥାଏ । ଆଉ ସେହି ଅନୁକମ୍ପା ଫଳରେ ବାକି ରହିଥାଏ । **କୃପା ବ୍ରହ୍ମଜ୍ଞାନକୁ ଅତି ପରିଷ୍କାର, ପରିମାର୍ଜିତ ଓ ଦୀପ୍ତିମୟ କରି ଦେଇଥାଏ ।** ଏପରି ଚିନ୍ତା କର ନାହିଁ ଯେ, ଆମେ ପ୍ରତିଦିନ ଦୁଆ କରୁଛୁ ଏବଂ ପ୍ରତ୍ୟେକ ନମାଜ ଦୁଆର ହିଁ ଏକ ପ୍ରତିରୂପ । କାରଣ ସେହି ଦୁଆ ଯାହାକି ବ୍ରହ୍ମଜ୍ଞାନ ପରେ ଓ ପ୍ରଭୁଙ୍କ ଆଶିଷ ଫଳରେ ଲାଭ ହୋଇଥାଏ । ତାହା ଭିନ୍ନ ରଙ୍ଗ ଓ ରକମର । ତାହା (ନିଜକୁ) ନଷ୍ଟ କରିଦେବା ଜିନିଷ, ନିଜକୁ ଧ୍ୱଂସ କରିଦେବା ଅଗ୍ନି । ତାହା ପ୍ରଭୁଙ୍କ କୃପାକୁ ଆକର୍ଷିତ କରିବାର ଏକ ଚୁମ୍ବକୀୟ ଶକ୍ତି ସଦୃଶ । ତାହା ଏକ ପ୍ରକାର ମୃତ୍ୟୁ କିନ୍ତୁ ଶେଷରେ ଜୀବନ ପ୍ରଦାନ କରିଥାଏ । ଦୁଆ ପ୍ରଭୁଙ୍କ ନିକଟରୁ ଆସିଥାଏ ଏବଂ ତାଙ୍କରି ନିକଟକୁ ଫେରି ଯାଇଥାଏ । ଦୁଆ କରିବା ଫଳରେ ପ୍ରଭୁ ଏପରି ନିକଟତର ହୋଇଯାନ୍ତି

ଯେପରିକି ତୁମ ଜୀବନ ନାଟିକା ତୁମ ସହ ସଲଗ୍ନିତ ରହିଛି । ଆପଣ[ଅ.ସ] କହିଲେ; ପରାକ୍ରମୀ ଅଲ୍ଲାଃ ଯେଉଁ ଦ୍ୱାର ନିଜ ସୃଷ୍ଟିଜ ପାଇଁ ଉନ୍ମୁକ୍ତ କରି ଦେଇଛନ୍ତି, ତାହା ମାତ୍ର ଗୋଟିଏ ଅର୍ଥାତ ଦୁଆ । ଯେତେବେଳେ କୌଣସି ବ୍ୟକ୍ତି ରୋଦନ କରି, କାକୁତି ମିନତି ହୋଇ ଏହି ଦ୍ୱାର ମଧ୍ୟ ଦେଇ ପ୍ରବେଶ କରେ ସେତେବେଳେ ସେହି ଅପାର ଦୟା ଓ କରୁଣାମୟ ପ୍ରଭୁ ତାହାକୁ ପବିତ୍ର ଓ ନିର୍ମଳ ଚଦର ପରିଧାନ କରେଇ ଦିଅନ୍ତି । ନିଜ ଶ୍ରେଷ୍ଠତାର ପ୍ରଭାବ ତାହା ଉପରେ ଅବତୀର୍ଣ୍ଣ କରିଥାନ୍ତି, ଯେ ଅଯଥା କାର୍ଯ୍ୟ ଓ ନିରର୍ଥକ ହରକତ ଦ୍ୱାରା ତାଙ୍କ ଠାରୁ କୋସେ (ବହୁ) ଦୂରକୁ ଚାଲିଯାଇଥାଏ ।

ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ସେହି ବ୍ୟକ୍ତି କେବଳ ସାଂସାରିକ କାର୍ଯ୍ୟ ଓ ଉଦ୍ଦେଶ୍ୟ ପୂରଣ ହେବା ସକାଶେ ଦୁଆ କରି ନଥାଏ । ବରଂ ଧର୍ମନିଷ୍ଠତା ଓ ପବିତ୍ରତା ହାସଲ କରିବା ପାଇଁ (ଦୁଆ) କରିଥାଏ । ଆଉ ଏହା ହିଁ ଜଣେ ବିଶ୍ୱାସକାରୀର ଚିହ୍ନଟ ଅର୍ଥାତ ପ୍ରାର୍ଥକ୍ୟ । ପୁନଶ୍ଚ ଦୁଆର ରହସ୍ୟକୁ ଅଧିକ ସ୍ୱଷ୍ଟ କରି ହୁଜୁର[ଅ.ସ] ଗୋଟିଏ ସ୍ଥାନରେ କହିଲେ; ଅଲ୍ଲାଃତାଲାଙ୍କ କୃପାଧିକାରୀ ହେବା ସକାଶେ ସବୁଠାରୁ ନିକଟତର ମାର୍ଗ ଦୁଆ ଅଟେ । ସମ୍ପୂର୍ଣ୍ଣ ଦୁଆ ନିମନ୍ତେ ସେଥିରେ ବିନମ୍ର, ଅଧୈର୍ଯ୍ୟ ଓ ଆନତ ହେବା ଅନିବାର୍ଯ୍ୟ । ଯେଉଁ ଦୁଆ ବିନମ୍ର, ଅଥୟ ଓ କୋହ ପୂର୍ଣ୍ଣ ହୃଦୟରେ ଭରିଯାଇଥାଏ ତାହା ହିଁ ପ୍ରଭୁଙ୍କ ଅନୁକମ୍ପାକୁ ଆକର୍ଷିତ କରି ଆଣିଥାଏ । ଆପଣ[ଅ.ସ] କହିଲେ; ଏହା ମଧ୍ୟ ପ୍ରଭୁଙ୍କ କୃପା ବ୍ୟତୀତ ହାସଲ ହୋଇ ନଥାଏ । ଏହାର ଉପଚାର ଏହିକି ଯେ, ମନୁଷ୍ୟ ଦୁଆ କରୁଥାଉ, ଯଦିଓ (ସେଥିପ୍ରତି) କିପରି ବିତୃଷ୍ଣା ଭାବ ଓ ଅନିଚ୍ଛା ହେଉ ନାକାହିଁକି । ଆହୁରି କହିଲେ; ଯଦି କୌଣସି ବ୍ୟକ୍ତି ରାତ୍ରିରେ ଉଠି ନିଜର ଅନାସକ୍ତ ଓ ଅନିଚ୍ଛା (ଅବସ୍ଥା) ସତ୍ତ୍ୱେ ଦୁଆ କରେ କି ହେ ପ୍ରଭୁ ! ହୃଦୟ ତୁମ ଅକ୍ତିଆର ଓ ଅଧୀନରେ ରହିଛି । ତୁମେ ତାହାକୁ ପରିଷ୍କାର କରିଦିଅ ଏବଂ ସେହି ବଶିଭୂତ ଅବସ୍ଥାରେ ସେ ନିଜ ପାଳନକର୍ତ୍ତା ଠାରୁ ବ୍ୟାପକତା ଚାହିଁଥାଏ । ଆଉ ଉକ୍ତ କୋଷ୍ଠକାଠିନ୍ୟ ଖୋଲିଗଲା ପରି ମୁକ୍ତି ଲାଭ ହୋଇଥାଏ ଏବଂ ଆତୁରତା ଉତ୍ପନ୍ନ ହୋଇ ଯାଇଥାଏ । ସେ ଦେଖିବ ଯେ, ସେତେବେଳେ ଆତ୍ମ ପ୍ରଭୁଙ୍କ ଶରଣେ ଜଳ ପରି ବହି ଯାଇଥାଏ । ଆପଣ[ଅ.ସ] କହିଲେ; ଦୁଆ ଏହିପରି ଏକ ସାଧନ । ଯାହାକି ପ୍ରତ୍ୟେକ ଦୁର୍ସାଧ୍ୟକୁ ସହଜ ସରଳ କରି ଦେଇଥାଏ । ଲୋକମାନଙ୍କୁ ଦୁଆ'ର ଶକ୍ତି ଓ ମର୍ଯ୍ୟାଦା ଜଣା ନାହିଁ । ତେଣୁ ସେମାନେ ଖୁବ୍ ଶୀଘ୍ର କ୍ଲାନ୍ତ ଓ ନିରାଶ ହୋଇ (ଖାଲି) ବସି ପଡ଼ନ୍ତି । **ଯେତେବେଳେ କି ଦୁଆ ଏକ ସ୍ଥାୟୀ ଓ ନିରନ୍ତରତା ଲୋଡ଼ି ଥାଏ । ଏଥିନିମନ୍ତେ ନିଷ୍ଠା ଓ ପ୍ରୟାସ (କରିବା) ସର୍ତ୍ତ ରହିଛି ।** ଯାହାକି ଦୁଆ ଦ୍ୱାରା ହିଁ ଉତ୍ପନ୍ନ ହୋଇଥାଏ ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏଥିନିମନ୍ତେ ଆମ ହୃଦୟର ଅନୁଶୀଳନ କରିବାର ଆବଶ୍ୟକତା ରହିଛି କି କ'ଣ ସେହି ନିଷ୍ଠା ଓ ପ୍ରଚେଷ୍ଟା ଆମ ଅଭ୍ୟନ୍ତରରେ ଉତ୍ପନ୍ନ ହୋଇଯାଇଛି ଅଥବା ଆମେ ଉତ୍ପନ୍ନ କରିବାକୁ ପ୍ରୟାସ କରୁଅଛୁ ? ପୁନଶ୍ଚ ଦୁଆର ଦର୍ଶନତତ୍ତ୍ୱ ବର୍ଣ୍ଣନା କରି ହଜରତ ମସିହ୍ ମଉଦ[ଅ.ସ] କୁହନ୍ତି; ମନୁଷ୍ୟକୁ ଆବଶ୍ୟକ କି ଏହି ଜୀବନକୁ ଏଭଳି ବଳଶାଳୀ ମଣି ସେଥିରୁ ମୁକୁଳିବାକୁ ଚେଷ୍ଟା କରୁ ଏବଂ ବହୁତ ଦୁଆ କରୁ । କାରଣ ଯେତେବେଳେ ସେ ଯୋଜନାବଦ୍ଧ ଭାବରେ ପ୍ରକୃତ ଦୁଆକୁ ବିନିଯୋଗ କରେ ସେତେବେଳେ ପରିଶେଷରେ ପ୍ରଭୁ ତାହାକୁ ମୁକ୍ତି ପ୍ରଦାନ କରି ଦେଇଥାନ୍ତି । ଆଉ ସେ ଅପକର୍ମର ଜୀବନରୁ ବାହାରି ଆସିଥାଏ । କାରଣ ଦୁଆ ମଧ୍ୟ କୌଣସି ସାଧାରଣ ସାଧନ ନୁହେଁ, ବରଂ ତାହା ଏକ ମୃତ୍ୟୁ ଅଟେ । ଯେତେବେଳେ ଜଣେ (ବ୍ୟକ୍ତି) ସେହି ମୃତ୍ୟୁକୁ ଆଦରି ନିଏ ସେତେବେଳେ ଅଲ୍ଲାଃତାଲା ତାହାକୁ ଅପରାଧୀ ଜୀବନରୁ ଯାହାକି ମୃତ୍ୟୁର ଅଧିକାରୀ କରିଥାଏ, ସେଥିରୁ ବଞ୍ଚାଇ ଦେଇଥାଏ । ଆଉ ତାହାକୁ ଏକ ପବିତ୍ର ଜୀବନ ପ୍ରଦାନ କରିଥାନ୍ତି । ଆପଣ କହିଲେ; ସୁତରାଂ ତୁମମାନଙ୍କୁ ଆବଶ୍ୟକ କି ରାତିରେ ଉଠି ଉଠି ଅତି ବିନମ୍ରତା ଓ ଆତୁରତା ପୂର୍ବକ ପ୍ରଭୁଙ୍କ ଛାମୁରେ ନିଜ ସମସ୍ୟାମାନ ଉପସ୍ଥାପନ କର ଏବଂ ସେହି ଦୁଆକୁ ଚରମ ସୀମାରେ ପହଞ୍ଚାଇ ଦିଅ ଯେଉଁସ୍ଥଳେ ମୃତ୍ୟୁ ସଦୃଶ ଅବସ୍ଥା ହୋଇ ଯାଇଥାଏ ।

ସେତେବେଳେ ଦୁଆ ସ୍ୱୀକୃତି ଲାଭ ସ୍ତରରେ ଉପନୀତ ହୋଇଥାଏ ।

ହୁଜୁର[ଅ.ସ] କହିଲେ; ଏକଥା ମଧ୍ୟ ସ୍ମରଣ ରଖ ସବୁଠାରୁ ପ୍ରଥମ ଓ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଏହିକି ଯେ, ମନୁଷ୍ୟ ନିଜକୁ ନିର୍ମଳ ଓ ପବିତ୍ର କରିବା ପାଇଁ ଦୁଆ କରୁ । ଏହା ହିଁ ସମସ୍ତ ଦୁଆର ମୂଳ ଓ ସାର । କାରଣ ଯେତେବେଳେ ଏହି ଦୁଆ ସ୍ୱୀକାର ହୋଇଯିବ ଓ ମନୁଷ୍ୟ ସମସ୍ତ ପ୍ରକାର ଅପରିଷ୍କାର ଓ ମଳିନତାରୁ ସ୍ୱଚ୍ଛ ତଥା ପରିଷ୍କାର ହୋଇ ପ୍ରଭୁଙ୍କ ଦୃଷ୍ଟିରେ ପବିତ୍ର ହୋଇଯିବ ସେତେବେଳେ ଅନ୍ୟ ଦୁଆମାନ ଯାହାକି ତାହାର ଆବଶ୍ୟକତା ପୂରଣ କରିବା ସମ୍ବନ୍ଧିତ ତାହା ତାକୁ ଭିକ୍ଷା କରିବାକୁ ହିଁ ପଡ଼ି ନଥାଏ । କାରଣ ତାହା ଆପଣଛାଏଁ ପୂରଣ ହୋଇଯାଇଥାଏ । ଦୁଆ ସ୍ୱୀକୃତି ଲାଭ କରିବାର ସ୍ଥଳେ ଉପନିତ ହେବା ନିମନ୍ତେ ମନୁଷ୍ୟର ଅବସ୍ଥା କିପରି ହେବା ଉଚିତ୍ । ସେଥିସଂକ୍ରାନ୍ତରେ ହଜରତ ମସିହ୍ ମଉଦ[ଅ.ସ] କୁହନ୍ତି; ଦୁଆ ସେତେବେଳେ ସ୍ୱୀକୃତ ହୋଇଥାଏ ଅଥବା ସେଥିରେ ସେତେବେଳେ ପ୍ରଭାବ ପକାଇବା (ଗୁଣ) ଉଦ୍ଧୃତ ହୋଇଥାଏ ଯେତେବେଳେ ତାହା ଅତିଶୟ ଅଥୟ ଓ ଅଧୈର୍ଯ୍ୟତାର ସ୍ତରରେ ଉପନୀତ ହୋଇଥାଏ । **ଏହା କୌଣସି ସାଧାରଣ କଥା ନୁହେଁ ବରଂ ଅଟଳ ସତ୍ୟ ।** ବରଂ ବାସ୍ତବିକତା ଏହିକି ଯେ, ଯାହାକୁ ପ୍ରଭୁଙ୍କ ନିଦର୍ଶନ ଦେଖିବାର ଅଛି ତାହାକୁ ଆବଶ୍ୟକ କି ସେ ଦୁଆ କରି ତାହା ସ୍ୱଚକ୍ଷୁରେ ଅବଲୋକନ କରିନେଉ । ନିରନ୍ତର ଭାବରେ ଦୁଆ କରି ଚାଲିବା ପ୍ରସଙ୍ଗରେ ହୁଜୁର[ଅ.ସ] କୁହନ୍ତି; ଦୁଆ କରିବା ସମୟରେ ଅନାସକ୍ତ ଓ ଅସ୍ଥିରତା ପ୍ରଦର୍ଶନ କରିବା ଉଚିତ୍ ନୁହେଁ । ଶୀଘ୍ର ଥକିଯାଇ ବସି ପଡ଼ିବା ଉଚିତ୍ ନୁହେଁ । ବରଂ ସେପର୍ଯ୍ୟନ୍ତ ପ୍ରଭୁଙ୍କ ଦ୍ୱାର ଛାଡ଼ିବା (ପୃଥକ) ହେବା ଉଚିତ୍ ନୁହେଁ ଯେପର୍ଯ୍ୟନ୍ତ ଦୁଆ ନିଜର ପୂର୍ଣ୍ଣ ପ୍ରଭାବ ପ୍ରଦର୍ଶିତ କରି ନାହିଁ । ଯେଉଁ ବ୍ୟକ୍ତି ଥକି ପଡ଼ିଥାନ୍ତି ଏବଂ ଘାବରାଇ ଯାନ୍ତି ସେମାନେ ଭୁଲ କରିଥାନ୍ତି । କାରଣ ସେମାନେ ଐଶୀ ନିଦର୍ଶନ (ଦେଖିବାରୁ) ବଞ୍ଚିତ ରହିଯାଇଥାନ୍ତି ।

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଆମମାନଙ୍କୁ ଏହି ଦିନମାନଙ୍କରେ ଯେତେବେଳେ କି ଅଲ୍ଲାଃତାଲା ନିଜର ବିଶେଷ କଲ୍ୟାଣ ଅବତୀର୍ଣ୍ଣ କରିଥାନ୍ତି, ନିଜ ଅଭ୍ୟନ୍ତରରେ ପବିତ୍ର ପରିବର୍ତ୍ତନ ସୃଷ୍ଟି କରିବା ସକାଶେ ଦୁଆ କରିବା ପ୍ରତି ମନଯୋଗ କରିବା ଉଚିତ୍ । ଏହା ହିଁ ଆମ ଇହ ଓ ପରକାଳ ସୁଧାରିବାର ମାଧ୍ୟମ ସାଜିବ । ରମଜାନର ଏହି ଶେଷ ପର୍ଯ୍ୟାୟ (ଅଶ୍‌ରା) ଯେଉଁଥିରେ ବିଶେଷ ଭାବରେ ପ୍ରଭୁଙ୍କ ଆଦେଶଗୁଡ଼ିକୁ ନିଜର ଲାହେ ଅମଲ୍ (ଦୈନନ୍ଦିନ କର୍ମ) ଭାବରେ ସ୍ଥାନ ଦେଇ ନିଜ ବିଶ୍ୱାସକୁ ସୁଦୃଢ଼ କରିବା ନିମନ୍ତେ ରାତ୍ରିରେ ଉଠି ପ୍ରଭୁଙ୍କ ସମ୍ମୁଖରେ ନତମସ୍ତକ ହୋଇ ତାହାର ସାନିଧ୍ୟ ଲାଭ କରିବା ପାଇଁ ପ୍ରୟାସ କରିବା ଉଚିତ୍ ।

ପରିଶେଷରେ ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] ପବିତ୍ର ରମଜାନ ମାସ ପରିପ୍ରେକ୍ଷୀରେ ଦୁଆ କରିବା ପ୍ରତି ଆହ୍ୱାନ ଜଣାଇ ଜମାଅତର ଉନ୍ନତି, ୟମନ୍‌ରେ କଏଦ ଥିବା ଆମ ଅହେମଦୀ ଓ ମଧ୍ୟଏସିଆର ଅତ୍ୟାଚାରିତ ଲୋକମାନଙ୍କ ସକାଶେ ଦୁଆ କରିବାକୁ ଆହ୍ୱାନ ଦେଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଊଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉୟ୍‌କୁରୁଲ୍ଲାହା ୟୟ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲୟିକ୍‌ରୁଲ୍ଲାହି ଅକ୍‌ବର୍ ।